# ସାଇବର ସୁରକ୍ଷା ପାଇଁ ବିଶେଷ ପାଠ୍ୟକ୍ରମ

ଭୁବନେଶ୍ୱର, ୧୨।୫: କୁଶଳୀ ଲୋକଶକ୍ତିର ଅଭାବ ହେତୁ ସାଇବର ସୁରକ୍ଷା ବିଶ୍ୱ ପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି। ଏହାର ସମାଧାନ ପାଇଁ ବେଙ୍ଗାଲୁରୁ ସ୍ଥିତ ଭାରତୀୟ-ବହୁରାଷ୍ଟ୍ରୀୟ ସାଇବର ସିକ୍ୟୁରିଟି ଉତ୍ପାଦ ଏବଂ ସେବା ସଂସ୍ଥା ଏକ ସୁରକ୍ଷା ଦକ୍ଷତା ବିକାଶ ପାଠ୍ୟକ୍ରମ - ସିକ୍ୟୋର ଆଇ ସାଇବର ସିକ୍ୟୁରିଟି ପ୍ରମାଣନ ପାଠ୍ୟକ୍ରମ ଆରମ୍ଭ କରିଛି। ଏ ବିଷୟରେ ସୂଚନା ଦେଇ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସହ-ପ୍ରତିଷ୍ଠାତା କରିମେନ୍ଦ୍ର କୋହଲି ଏଥିପାଇଁ ବିଭିନ୍ନ ଦକ୍ଷତା ଏବଂ ଜ୍ଞାନ ସହିତ ବିଶେଷଜ୍ଞ ଦଳର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ୧୫ ତାରିଖରୁ ଆରମ୍ଭ ହେବାକୁଥିବା ଏହି ପାଠ୍ୟକ୍ରମରେ ୪୫୦ ଘଣ୍ଟାର ଅନଲାଇନ ତାଲିମ ରହିଛି। ସ୍ନାତକ ସମାପ୍ତ କରିଥିବା ଅବା ଶେଷ ବର୍ଷରେ ଥିବା ଶିକ୍ଷାର୍ଥୀ ଏଥିପାଇଁ ଆବେଦନ କରିପାରିବେ। ଦିବ୍ୟାଙ୍ଗମାନଙ୍କ ପାଇଁ ଏ କ୍ଷେତ୍ରରେ ବିଶେଷ ସୁଯୋଗ ରହିଛି। ପାଠ୍ୟକ୍ରମରେ ସୂଚନା ସୁରକ୍ଷା, ନେଟୱର୍କ, ଭିତ୍ତିଭୂମି ସୁରକ୍ଷା, ପ୍ରୟୋଗାତ୍ମକ ସୁରକ୍ଷା ପଦକ୍ଷେପ ଏବଂ ସମସ୍ୟା ପରିଚାଳନା ଆଦି ସାମିଲ ହୋଇଛି ବୋଲି କମ୍ପାନୀର ଅନ୍ୟତମ ସହ-ପ୍ରତିଷ୍ଠାତା ସେମାନ୍ତ ପଟ୍ଟନାୟକ କହିଛନ୍ତି।